# Akashvani, Sambalpur

## SAMBALPURI NEWS BULLETIN

### 24 May 2025- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ-ଦିଲ୍ଲୀ ଗସ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍‌ନୁ ୪ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଯାଇଛନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଅଧ୍ୟକ୍ଷତାଥି ଆଏଜ୍ ହେବାର୍‌କେ ଥିବା ନୀତି ଆୟୋଗ୍‌ର ୧୦ ନମ୍ବର ବାର୍ଷିକ୍ ପ୍ରବନ୍ଧକ୍ ପରିଷଦ୍‌ର ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ । ଓଡ଼ିଶାର୍ ସ୍ୱାର୍ଥ ସମ୍ବଳିତ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଦାବି ଉପସ୍ଥାପନ୍ କର୍‌ବେ । ଆଏବା କାଏଲ୍ ଏନ୍‌ଡିଏ ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ମାନ୍‌କର୍ ବୈଠକ୍‌ଥି ଭିଲ୍ ମୁଖ୍ୟମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଯୁକ୍ତ ଦୁଇଥି ନାଁଲେଖା I&PR

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇଥି ନାଁଲେଖା ଲାଗି ଆଏଜ୍‌ଠାନୁ ଆବେଦନ୍ ମୁଲ୍ ହେବା । ଆଏବା ଜୁନ୍ ୩୦ ତାରିଖ୍‌ତକ୍ ଆବେଦନ୍ ପ୍ରକ୍ରିୟା ଚାଲ୍‌ବା । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍‌ବେ । ଜୁଲାଇ ୭ ତାରିଖ୍ ପହେଲା ମେଧା ତାଲିକା

ବାହାର୍‌ବା ଆଉ ଜୁଲାଇ ୮ ନୁ ୧୪ ତାରିଖ୍ ଭିତ୍‌ରେ ନାଁଲେଖା ହେବା । ଜୁଲାଇ ୨୪ ନୁ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଯୁକ୍ତ ଦୁଇ ପୁନଃ ଖାତା ଯାଂଚ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୩୦ ତାରିଖ୍‌ନୁ ଯୁକ୍ତ ଦୁଇ ଖାତା ଫେର୍‌ଘାଏ ଯାଂଚ୍ ଆର୍ ମୂଲ୍ୟାୟନ୍ ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା । କେତେଟା ବିଷେ ଲାଗି ଅଫ୍‌ଲାଇନ୍‌ଥି ଆଉ କେତେଟା ପେପର୍ ଲାଗି ଅନ୍‌ଲାଇନ୍‌ଥି ଆବେଦନ୍ କର୍‌ବାର୍‌କେ ପଡ୍‌ବା । ଅନ୍‌ଲାଇନ୍ ଖାତାଦେଖାଥି କିଛି ଭୁଲ୍ ଥିଲେ, ଅଭିଯୋଗ୍ ଲାଗି ଲିଙ୍କ୍ ଦିଆଯିବା । ଜୁନ୍ ୪ ନୁ ୧୮ ତାରିଖ୍ ଭିତ୍‌ରେ ଲିଙ୍କ୍ ଜରିଏ ଅଭିଯୋଗ୍ କରିହେବା ।

ନିଶା କାର୍‌ବାର-ଅବକାରୀ ମନ୍ତ୍ରୀ I&PR

ବେଆଇନ୍ ନିଶା କାର୍‌ବାର୍‌କେ ରୁକ୍‌ବାର୍ ଲାଗି ମେ ୩୧ ନୁ ଜୁନ୍ ୨୬ ତାରିଖ୍ ତକ୍ ସାରା ରାଏଜେ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ବଲି ଅବକାରୀ ବିଭାଗ୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ଇ ଅବ୍‌ସରେ ସାରା ରାଏଜେ ସଚେତନତା ରଥ ବୁଲ୍‌ବା । ଭିନ୍ ଭିନ୍

ବିଭାଗ୍‌ର ତାଲ୍‌ମେଲ୍‌ଥି ସଚେତନତା କାର୍ଯ୍ୟକ୍ରମ୍ ମାନ୍ କରାଯିବା । ବଛରକ ୩ ଥର୍ ଇ ସଚେତନତା ଅଭିଯାନ୍ କରାଯିବା । ଗଲାକାଏଲ୍ ଖାରବେଳ ଭବନ୍ ସମ୍ମିଳନୀ କକ୍ଷ ନ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍‌ଥି ଇ ନିଷ୍ପତି ଦିଆଯାଇଛେ ।

ପୁରୀ ରଥଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ରଥଯାତ୍ରାକେ ଶାନ୍ତି ଶୃଙ୍ଖଲାର୍ ସହେତେ କର୍‌ବାର୍ ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ମାହାପୁରୁମାନ୍‌କର୍ ନୀତିକାନ୍ତି ପ୍ରସ୍ତୁତି, ରଥ ତିଆରି ବାବ୍‌ଦେ ସୂଚ୍‌ନା ଦେଇଥିଲେ । ପୁରୀ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ସଚିବ ଆଉ ଅଧିକାରୀମାନେ ଯୋଗ୍ ଦେଇକରି ରଥଯାତ୍ରା ପ୍ରସ୍ତୁତି ବାବ୍‌ଦେ ମୁଖ୍ୟ ଶାସନ୍ ସଚିବଙ୍କୁ ଜନେଇଥିଲେ ।

ସୁନ୍ଦର୍‌ଗଡ଼୍ ଖଣି ଦୁର୍ନୀତି I&PR

ସୁନ୍ଦରଗଡ଼ ଜିଲ୍ଲାର ହେମ୍ଗିରି ଆର କୋଇଡ଼ା ତହସିଲ ନ ହେଇଥିବା ବେଆଇନ ଖଣି ଖନନ ଆର କାରବାରର ତଦନ୍ତ ଦାୟିତ୍ୱ ଭିଜିଲାନ୍ସକେ ଦେବାରକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ । ଘଟନାର ତଦନ୍ତ କରବାର ଲାଗି ଭିଜିଲାନ୍ସ ତରଫୁ ଗୁଟେ ସ୍ୱତନ୍ତ୍ର ତଦନ୍ତକାରୀ ଦଲ ଗଠନ କରାଯାଇଛେ ।

ଦକ୍ଷିଣ ପୂର୍ବ ଏସିଆ ସମ୍ମିଲନୀ I&PR

ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ଇନ୍ଷ୍ଟିଚ୍ୟୁଟ ଅଫ ମିଡ଼ିଆ ଷ୍ଟଡ଼ିଜ ଆଉ କେନ୍ଦ୍ର ସରକାରଙ୍କର ତରଫୁ ମିଲିତ ଭାବେ ଭୁବନେଶ୍ୱର ଠାନେ ଆଏଜ 'କଳିଙ୍ଗ ଓ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରର ସଭ୍ୟତା ଗତ ସଂଯୋଗ' ଶୀର୍ଷକ ଗୁଟେ ସମ୍ମିଲନୀ ହେବା । ଇଥି ଓଡ଼ିଶା ସହେତେ ଭାରତ ଆଉ ଦକ୍ଷିଣ ପୂର୍ବ ଏସିଆର ଦେଶମାନକର ଶିକ୍ଷାବିତ, ଗବେଷକ, ସାହିତ୍ୟିକ, ସଂସ୍କୃତି ଗବେଷକମାନେ ଯୋଗ ଦେବେ ।

ବିପର୍ଯ୍ୟୟ ପରିଚାଳନା ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର୍ ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲା ନ ସମ୍ଭାବ୍ୟ ବନ୍ୟା ମୁକାବିଲା ଲାଗି ଭିନ୍ ଭିନ୍ ବିଭାଗ୍ର ପ୍ରସ୍ତୁତି ଆଉ କାମ୍ କାଜ୍ ବାବ୍ଦେ ଆଲୋଚନା କରାଯାଇଥିଲା । ବିପର୍ଯ୍ୟୟ ମୁକାବିଲା ଲାଗି ସବୁ ବିଭାଗ୍ ତୟାର୍ ରହେବାର୍କେ ଇ ଅବ୍ସରେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଥିଲେ ।

ସିଜୋଫ୍ରେନିଆ ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ମାନସିକ ରୋଗୀମାନ୍କୁ ସ୍ନେହ, କରୁଣା, ଦୟା ଦେଖାବାର୍ ସହେତେ ଲୁକ୍କର୍ ଭିତ୍ରେ ସଚେତନତା ସୃଷ୍ଟି କର୍ବାର୍ ଉଦ୍ଦେଶ୍ଥି ଆଏଜ୍ ବିଶ୍ୱ ସିଜୋଫ୍ରେନିଆ ଦିବସ ପାଲନ୍ କରାଯାଉଛେ । ସିଜୋଫ୍ରେନିଆ ହେଉଛେ ଗୁଟେ ମାନସିକ୍ ସମସ୍ୟା । ଇଟା ମୁନ୍ଷର୍ ଭାବନା, ଆବେଗ, ବେଭାର୍ ଆର୍ କାର୍ଯ୍ୟଦକ୍ଷତାକେ ବିଶେଷ୍ଭାବେ ପ୍ରଭାବିତ୍ କରିଥିସି । ମସ୍ତିଷ୍କଥି ଖାସ୍ କରି ଡୋପାମିନ୍ ରାସାୟନିକ ତତ୍ୱର ମାତ୍ରା ବଢ଼୍ଲେ ଇ ବେମାର୍ ହେଇଥିସି ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜାଗା ନ ଆଏଜ୍ କାଲ୍‌ବୈଶାଖୀ ବର୍ଷା ହେଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ବଙ୍ଗୋପ୍‌ସାଗର୍‌ର ପଶ୍ଚିମ କେନ୍ଦ୍ରୀୟ ଆଉ ତାର୍ ପାଖର୍ ଉତର୍ ଇଲାକା ନ ଆଏବା ୨୭ ତାରିଖ୍ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇପାରେ । ଇତାର୍ ପ୍ରଭାବ୍‌ଥି ଆଏବା ୪ ଦିନ୍‌ତକ୍ ରାଏଜେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବଲାଙ୍ଗିର୍, କଲାହାଣ୍ଡି, ନୂଆପଡ଼ା, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା ସହେତେ ୧୨ ଟା ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।